# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 29 May - 2026

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା
- ଦେଶର ଶିକ୍ଷାନୁଷ୍ଠାନ ପରିସରଗୁଡ଼ିକୁ ତମାଖୁ ମୁକ୍ତ କରିବା ଲକ୍ଷ୍ୟରେ ଉନ୍ମୋଚିତ ହେଲା ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଆପ୍
- ଉତ୍ତରଖାତାର ପୁନଃ ମୂଲ୍ୟାୟନରେ ସ୍ୱଚ୍ଛତା ଆଣିବା ପାଇଁ ସି.ବି.ଏସ୍.ଇ. ପକ୍ଷରୁ କାର୍ଯ୍ୟକ୍ଷମ ହେବ ନୂଆ ପୋର୍ଟାଲ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା

Desk

# ଏସ୍.ଆଇ.ଆର୍.

ରାଜ୍ୟରେ ଆସନ୍ତାକାଲିଠାରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର୍. ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଭୁବନେଶ୍ୱରଠାରେ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଏସ୍.ଆଇ.ଆର୍‌ରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ସହ ରାଜନୈତିକ ଦଳଙ୍କ ସହଭାଗିତା ଏବଂ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରାଯାଇଛି। ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ତାଲିକାରୁ ବାଦ୍ ନପଡ଼ିବା ତଥା ଅଯୋଗ୍ୟ ବ୍ୟକ୍ତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହେବା ପ୍ରତି ବୁଥ୍‌ସ୍ତରୀୟ ଅଧିକାରୀ-ବି.ଏଲ୍.ଓ'ଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବି.ଏଲ୍.ଓ.ମାନେ ଆସନ୍ତାକାଲିଠାରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ଘରକୁ ଘର ବୁଲି ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ଭୋଟରଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡ଼ିବ।

ଏସ୍.ଆଇ.ଆର୍. ପ୍ରକ୍ରିୟାରେ ୩୮ ହଜାର ୧୨୩ ଜଣ ବି.ଏଲ୍.ଓ ଘରକୁ ଘର ବୁଲି ମତଦାତାଙ୍କ ତଥ୍ୟ ଯାଞ୍ଚ୍ କରିବେ । ସେମାନଙ୍କୁ

ସହଯୋଗ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭ ହଜାରରୁ ଉର୍ଦ୍ଧ୍ୱ ବୁଥ୍‌ସ୍ତରୀୟ କର୍ମକର୍ତ୍ତା ନିୟୋଜିତ ହୋଇଛନ୍ତି।

**- V/O -**

କର୍ତ୍ତବ୍ୟ ସମୟରେ ବିଏଲ୍‌ଓମାନେ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଲେ ସେମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇ ଦେବାକୁ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରଙ୍କ ସହ ଆଲୋଚନା କରାଯାଇଥିବା ଶ୍ରୀ ଗୋପାଳନ କହିଛନ୍ତି।

Desk

## ତମାଖୁ ନିଷେଧ ଦିବସ

ଦେଶର ଶିକ୍ଷାନୁଷ୍ଠାନ ପରିସରଗୁଡ଼ିକୁ ତମାଖୁ ମୁକ୍ତ କରିବା ଲକ୍ଷ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳା ଶ୍ରୀବାସ୍ତବ ନୂଆଦିଲ୍ଲୀରେ ଆଜି ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଆପ୍ଲିକେସନ୍-ଟୋଫେଇ'ର ପାଇଲଟ୍ ସଂସ୍କରଣକୁ ଉନ୍ମୋଚନ କରିଛନ୍ତି। ଏହି ଆପ୍ ମାଧ୍ୟମରେ ଶିକ୍ଷାନୁଷ୍ଠାନଗୁଡ଼ିକଦ୍ୱାରା ଆତ୍ମ-ମୂଲ୍ୟାୟନ ଏବଂ ଅଭିଯୋଗକୁ ସହଜ ଓ ସରଳ କରିବା ସହିତ ତମାଖୁମୁକ୍ତ ନିର୍ଦ୍ଦେଶାବଳୀର ଅନୁପାଳନ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯାଇପାରିବ । ସୁଶ୍ରୀ ଶ୍ରୀବାସ୍ତବ କହିଛନ୍ତି, ଚଳିତ ବର୍ଷର ବିଶ୍ୱ ତମାଖୁ ନିଷେଧ ଦିବସ ବାର୍ତ୍ତା ରହିଛି **"ନିକୋଟିନ୍ ଏବଂ ତମାଖୁ ନିଶାର ମୁକାବିଲା କରିବା ନିବେଦନର ସତ୍ୟତାକୁ ଉନ୍ମୋଚନ କରିବା"** । ତମାଖୁ ଏବଂ ନିକୋଟିନ୍ ନିଶାର କ୍ଷତିକାରକ ପ୍ରଭାବରୁ ଯୁବପିଢ଼ିକୁ ସୁରକ୍ଷା ଦେବା ଅତ୍ୟନ୍ତ ପ୍ରାସଙ୍ଗିକ। ତମାଖୁ

ସେବନଦ୍ୱାରା କର୍କଟ ରୋଗ, ହୃଦ୍‌ରୋଗ, ଷ୍ଟ୍ରୋକ୍ ଏବଂ ଦୀର୍ଘକାଳୀନ ଶ୍ୱାସକ୍ରିୟା ରୋଗରେ ଲୋକମାନେ ପୀଡ଼ିତ ହୋଇଥାଆନ୍ତି । ଦେଶର ବିଭିନ୍ନ ହସ୍ପିଟାଲ୍, ମେଡିକାଲ୍ କଲେଜ, ଆୟୁଷ୍ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ୨ ହଜାରରୁ ଅଧିକ ତମାଖୁ ନିବାରଣ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କହିଛନ୍ତି ।

Desk

## ସ୍ୱାସ୍ଥ୍ୟ ସର୍ବେକ୍ଷଣ

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ପକ୍ଷରୁ ଜାରି ତଥ୍ୟ ଅନୁସାରେ ଭାରତ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ, ପୋଷଣ ତଥା ଆର୍ଥିକ ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହାସଲ କରିଛି । ସର୍ବେକ୍ଷଣ ଅନୁସାରେ ଦେଶରେ ବର୍ତ୍ତମାନ ୯୫ ଦଶମିକ ୯ ପ୍ରତିଶତ ମହିଳା ଗର୍ଭାବସ୍ଥାରେ ଉଚିତ ଯତ୍ନ ପାଉଛନ୍ତି । ଏଥିଲାଗି ମାତୃ ଏବଂ ଶିଶୁ ମୃତ୍ୟୁହାର ମଧ୍ୟ ହ୍ରାସ ପାଇଛି । ଏହାସହ ଶିଶୁଙ୍କ ଟୀକାକରଣ କ୍ଷେତ୍ରରେ ସଚେତନତା ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସରକାରଙ୍କ ବିଭିନ୍ନ ପଦକ୍ଷେପ ତଥା ଅଭିଯାନ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଏହା ମଧ୍ୟରେ ମିଶନ ପରିବାର ବିକାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସର୍ବେକ୍ଷଣ ଅନୁସାରେ ଆର୍ଥିକ କ୍ଷେତ୍ରରେ ମଧ୍ୟ ମହିଳାଙ୍କ ଅଗ୍ରଗତି ହୋଇଛି । ଦେଶରେ ଇଣ୍ଟରନେଟ୍ ବ୍ୟବହାର କରୁଥିବା ମହିଳାଙ୍କ ସଂଖ୍ୟା ୩୩ ଦଶମିକ ୩ ପ୍ରତିଶତରୁ ୬୪ ଦଶମିକ ୩ ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶରେ ନିରନ୍ତର ବିକାଶ ଲକ୍ଷ୍ୟ

ହାସଲ କରିବାରେ ଏହା ସହାୟକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

BBSR/R

## ଓମଫେଡ୍

ରାଜ୍ୟରେ ଶ୍ୱେତ ବିପ୍ଳବକୁ ଆଗେଇ ନେବା ସହ ଲକ୍ଷାଧିକ ଚାଷୀଙ୍କ ଜୀବନଜୀବିକାର ସମୃଦ୍ଧିରେ ଓମଫେଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଭୁବନେଶ୍ୱରଠାରେ ଓମଫେଡ୍ ଓ ଦୁଗ୍ଧ ସଂଘ କାର୍ଯ୍ୟାଳୟ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ବିପଣନ, ନୂତନ ଉତ୍ପାଦ ଓ ପରିଚାଳନାଗତ ସଂସ୍କାର ମାଧ୍ୟମରେ ଚାଷୀଙ୍କ ସମୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ବିଭିନ୍ନ ବ୍ଲକରେ ୧୬୦ଟି ନୂତନ କ୍ଷୀରଧାରା କେନ୍ଦ୍ର ଖୋଲାଯାଇ ଦୁଗ୍ଧ ସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି।

GNR

## ସି.ବି.ଏସ୍.ଇ.

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ - ସି.ବି.ଏସ୍.ଇ. ପକ୍ଷରୁ, ପରୀକ୍ଷା ଫଳାଫଳ ପରବର୍ତ୍ତୀ କାର୍ଯ୍ୟକଳାପ ପାଇଁ ଆସନ୍ତା ସୋମବାରଠାରୁ ଏକ ପୋର୍ଟାଲ କାର୍ଯ୍ୟକ୍ଷମ ହେବ। ପରୀକ୍ଷା ପରେ ଉତ୍ତର ଖାତାର ପୁନଃମୂଲ୍ୟାୟନରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସିବିଏସ୍‌ଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଛାତ୍ରଛାତ୍ରୀମାନେ ସି.ବି.ଏସ୍.ଇ. ଟେଲି ପରାମର୍ଶ

ହେଲ୍ପଲାଇନ୍ ୧୮୦୦-୧୧-୮୦୦୪ରେ ଯୋଗାଯୋଗ କରି ଏ ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ ।

Desk

## ସ୍ନାତକ ପାଠ୍ୟକ୍ରମ ନାମଲେଖା

ରାଜ୍ୟରେ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଶିକ୍ଷାନବିଶ–ଏ.ଇ.ଡି.ପି. ଡିଗ୍ରୀ ପାଠ୍ୟକ୍ରମରେ ମଧ୍ୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ ମାଧ୍ୟମରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଆସନ୍ତା ଶିକ୍ଷା ବର୍ଷରେ ଯୁକ୍ତ ଦୁଇ ପରେ ଛାତ୍ରଛାତ୍ରୀମାନେ ୧୧ଟି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ । ଏ.ଇ.ଡି.ପି. ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହିତ ଶିଳ୍ପ ଅଭିଜ୍ଞତା ପ୍ରଦାନ କରିବ । ପାଠ୍ୟକ୍ରମର ତୃତୀୟ ବର୍ଷରେ ଏକ ବର୍ଷ ପାଇଁ ଶିକ୍ଷାନବିଶ ସୁଯୋଗ ପ୍ରଦାନ କରାଯିବା ସହ ଆର୍ଥିକ ରାଶି ମଧ୍ୟ ପ୍ରଦାନ କରାଯିବାର ପ୍ରାବଧାନ ରହିଛି ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

Desk

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ । ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁଣାଣି ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗତ

୨୭ ତାରିଖ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀମାନେ ଶୁଣାଣିରେ ନିଜର ଅଭିଯୋଗ ଜଣାଇପାରିବେ ।

Desk

# ପିଏମ-ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଆସନ୍ତା ରବିବାର ଦିନ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୩୪ତମ ସଂସ୍କରଣ ହେବ । ଜନସାଧାରଣ ଏହି କାର୍ଯ୍ୟକ୍ରମ ପାଇଁ ସେମାନଙ୍କ ମତାମତ ଓ ପ୍ରସ୍ତାବ ଦେଇପାରିବେ । ଦେୟମୁକ୍ତ ନମ୍ବର ୧୮୦୦-୧୧-୭୮୦୦ରେ ମତାମତ ଦିଆଯାଇପାରିବ । ଅନ୍‌ଲାଇନ୍ ଜରିଆରେ ନରେନ୍ଦ୍ର ମୋଦୀ ଆପ୍ ଓ ମାଇ ଗଭର୍ଣ୍ଣମେଣ୍ଟ ଓପନ ଫୋରମ୍ ଜରିଆରେ ମତାମତ ଦିଆଯାଇପାରିବ । ନାଗରିକମାନେ ୧୯୨୨ ନମ୍ବରକୁ ମିସ୍‌ଡ୍ କଲ କରି ପ୍ରାପ୍ତ ଲିଙ୍କ୍‌ରେ ମଧ୍ୟ ମତାମତ ପଠାଇପାରିବେ ।

Ganjam

# ପ୍ରଶିକ୍ଷଣ ମହାଅଭିଯାନ

ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ-୨୦୨୬ ଅନ୍ତର୍ଗତ ଜିଲ୍ଲା ପ୍ରଶିକ୍ଷଣ ବର୍ଗକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଁଞ୍ଚାଇବା ଦିଗରେ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

Kendrapara

## ଜିଲ୍ଲା-ଏସ୍.ଆଇ.ଆର୍

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏସ୍.ଆଇ.ଆର୍ ୨୦୨୬କୁ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଠିକ୍ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଜିଲ୍ଲାପାଳ ଜନ ସହଯୋଗର ଆହ୍ୱାନ କରିଛନ୍ତି।

Boudh

## ଭୋଟର ଯାଞ୍ଚ

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟର ହେଲ୍ପ ଡେସ୍କ ସ୍ଥାପନ କରାଯାଇଛି। ଜିଲ୍ଲା ସମସ୍ତ ଯୋଗ୍ୟ ଭୋଟରମାନଙ୍କୁ ଯାଞ୍ଚ ଓ ସଂଶୋଧନ କାର୍ଯ୍ୟରେ ସକ୍ରିୟ ଭାଗ ନେବା ପାଇଁ ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି। ନାଗରିକମାନେ ନିଜର ଭୋଟର ସ୍ଥିତି ଯାଞ୍ଚ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୫୦କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

Gajapati

## ଆମ୍ବମେଳା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଓରମାସ୍ ପକ୍ଷରୁ ଜିଲ୍ଲାସ୍ତରୀୟ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଆମ୍ବମେଳା ଓ ଗାଁ ଆମ୍ବ ପସରା ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ମେଳାକୁ ଉଦ୍‌ଘାଟନ କରି କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲାରେ ଉତ୍ପାଦିତ ହେଉଥିବା ବିଭିନ୍ନ କିସମର ଆମ୍ବର ପ୍ରଚାର ଓ ପ୍ରସାର

ହୋଇପାରିବ। ମେଳାରେ ଆମ୍ବ ବଜାର ମୂଲ୍ୟଠାରୁ କମ୍ ଓ ସୁଲଭ ମୂଲ୍ୟରେ ସ୍ୱୟଂଶାସିତ ଗୋଷ୍ଠୀଙ୍କ ଦ୍ୱାରା ବିକ୍ରି କରାଯାଉଛି।

Nayagarh

## ମୁଗମଣ୍ଡି ଉଦ୍‌ଘାଟିତ

ନୟାଗଡ଼ ଜିଲ୍ଲା ଓଡ଼ଗାଁଠାରେ ମୁଗମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ ୫୦ ଟନ୍ ମୁଗ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ୬ ଜଣ ଚାଷୀଙ୍କଠାରୁ ୯ କୁଇଣ୍ଟାଲ ମୁଗ କ୍ରୟ କରାଯାଇଥିଲା।

Boudh

## ପ୍ରଶିକ୍ଷଣ ଶିବିର

ବୌଦ୍ଧ ଜିଲ୍ଲାରେ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ବିଧାୟକ ସରୋଜ କୁମାର ପ୍ରଧାନ ଶିବିରରେ ଯୋଗଦେଇ ଦୀନଦୟାଲ୍ ଉପାଧ୍ୟାୟଙ୍କ ଚିନ୍ତାଧାରାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଇବା ପାଇଁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ।

Desk

## ପାଣିପାଗ

ରାଜ୍ୟରେ ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଜାରି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୮ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା

ହେବାର ସମ୍ଭାବନା ରହିଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି ।

ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପ୍ରଭାବରେ ଆସନ୍ତା ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦେଶରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆସନ୍ତା ଜୁନ୍ ମାସରେ ଦେଶରେ ସ୍ୱାଭାବିକଠାରୁ କମ୍ ପରିମାଣର ବର୍ଷାର ପୂର୍ବାନୁମାନ କରାଯାଇଥିବା ବେଳେ ଓଡ଼ିଶାରେ ଜୁନ୍‌ମାସରେ ସ୍ୱାଭାବିକଠାରୁ ୯୨ ପ୍ରତିଶତ କମ୍ ବର୍ଷା ହେବାର ସମ୍ଭାବନା ରହିଛି ।